


ଯୁଗାବ୍ଦ : ୫୧୨୩   ପଞ୍ଚବିଂଶତିତମ ଗୁଚ୍ଛ - ପଞ୍ଚମ କଳିକା   ଡ଼ିସେମ୍ବର-ଜାନୁଆରୀ - ୨୦୨୧-୨୦୨୨

## ସମ୍ପାଦକୀୟ.......

ଆଜିକାଲିର ମାତାପିତା ତଥା ଅଭିଭାବକମାନେ ନିଜ ଶିଶୁର ବ୍ୟକ୍ତିତ୍ୱ ଗଠନ ଦିଗରେ ଯେତେ ସଚେତନ କିଛି ବର୍ଷ ପୂର୍ବେ ଏ ପ୍ରକାର ବ୍ୟସ୍ତତା ସେମାନଙ୍କ ପାଖରେ ଦେଖାଯାଉ ନ ଥିଲା । ଏହାର କାରଣ ଖୋଜିବାକୁ ଯାଇ କେତେଜଣ ଶିଶୁ ଶିକ୍ଷାବିତ୍ ମତ ଦେଇଛନ୍ତି ଯେ ଆଗକାଳରେ ମାତାପିତା "ଶିଶୁ ମନସ୍ତତ୍ତ୍ୱ" ଏବଂ ବିକାଶ ମନୋବିଜ୍ଞାନ ସମ୍ବନ୍ଧରେ ସଂପୂର୍ଣ୍ଣ ଅଜ୍ଞ ଥିଲେ । ଏ ସମ୍ପର୍କରେ ବିଶେଷଜ୍ଞ ଗବେଷଣା ହୁଏ ତ ଲୋକଲୋଚନକୁ ଆସିପାରୁ ନ ଥିଲା ଏବେ କିନ୍ତୁ ଅନେକ ତଥ୍ୟ ଲୋକଲୋଚନକୁ ଆସିଯାଇଛି । ଶିଶୁ ମନୋବିଜ୍ଞାନ ସମ୍ବନ୍ଧରେ ମାତାପିତା ଆଉ ସେତେ ଅଜ୍ଞ ନୁହଁନ୍ତି । ଏଠାରେ ଗୋଟିଏ କଥା ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ । ଅନେକଙ୍କର ଧାରଣା ଯେ କେବଳ ମନସ୍ତତ୍ତ୍ୱର ଛାତ୍ରଛାତ୍ରୀ ହିଁ ଭବିଷ୍ୟତରେ ଉତ୍ତମ ମାତାପିତା ହୋଇପାରିବେ । ଅନ୍ୟମାନେ ନୁହଁନ୍ତି । କିନ୍ତୁ ଏପରି ଧାରଣା ସଂପୂର୍ଣ୍ଣ ଅମୂଳକ । ଯେ କେହି ଶିକ୍ଷିତ ବ୍ୟକ୍ତି ଯଦି ଚାହାନ୍ତି, ତାଙ୍କ ଶିଶୁ ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିପାରିବେ ଏବଂ ତାକୁ ଉପଯୁକ୍ତ ମାର୍ଗରେ ମଧ୍ୟ ପରିଚାଳିତ କରିପାରିବେ ।

ଏଥି ପାଇଁ ଅନେକ ମାଧ୍ୟମ ଅଛି । ତନ୍ମଧ୍ୟରୁ "ଶିଶୁ ମନୋବିଜ୍ଞାନ" ସମ୍ବନ୍ଧୀୟ ପୁସ୍ତକ ପଠନ ଗୋଟିଏ ମାଧ୍ୟମ । ଏସବୁ ପ୍ରତି କେତେକ ଧାରାକୁ ନିଜ ଶିଶୁ ଉପରେ ପ୍ରୟୋଗ କରିପାରିବେ ଏବଂ ଫଳାଫଳ ମଧ୍ୟ ଜାଣିପାରିବେ । ଆବଶ୍ୟକ ସ୍ଥଳେ ମାତାପିତା ନିଜ ଶିଶୁ ସମସ୍ୟା ସମ୍ବନ୍ଧରେ ବିଶେଷଜ୍ଞଙ୍କ ସହ ପରାମର୍ଶ କରିପାରନ୍ତି । ପ୍ରଥମ କରି ଶିଶୁର ଶାରୀରିକ ଓ ମାନସିକ ବିକାଶ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଧ୍ୟାନ ଦେବା ଆବଶ୍ୟକ । ଶିଶୁର ଅନ୍ତର୍ନିହିତ ଶକ୍ତି, ସହଜାତ ପ୍ରବୃତ୍ତି, ଯୋଗ୍ୟତା ଓ ସାମର୍ଥ୍ୟକୁ ବିଶ୍ଳେଷଣ କରି ମାତାପିତା ସଦାସର୍ବଦା ସହଯୋଗ କଲେ ଶିଶୁର ବ୍ୟକ୍ତିତ୍ୱ ବିକାଶ ହୋଇପାରିବ ଏହିପରି ଅନେକ ତଥ୍ୟକୁ ଆଧାର କରି ଆମର ଏହି "ଶିଶୁବାଟିକା ପତ୍ରିକାଟି ପ୍ରସ୍ତୁତ କରାଯାଇଛି । ତେଣୁ ସମସ୍ତ ମାତାପିତା ଓ ଅଭିଭାବକ ପଠନ ପୂର୍ବକ ଶିଶୁର ସମଗ୍ର ବିକାଶରେ ସହଯୋଗ କରିବାକୁ ଆଶା ରଖୁଛି ।

# ଶିଶୁ ନିମନ୍ତେ...

ଶ୍ରୀମତୀ ବି. ସୁଶୀଳା କୁମାରୀ

ଶିଶୁବାଟିକା ଏକ ଗଭୀର ସମୁଦ୍ର । ଏହାର ଯେତେ ଗଭୀରତାକୁ ଯିବ ଶିଶୁ ମନସ୍ତତ୍ତ୍ୱ ଓ ଶିଶୁ ଶିକ୍ଷା ରୂପୀ ହୀରା ନୀଳା ଓ ଅସଂଖ୍ୟ ରତ୍ନ ସଂଗ୍ରହ କରିପାରିବ । ଗୋଟିଏ ନିଷ୍ପାପ ହୃଦୟ ତଥା ଶିଶୁ ପାଇଁ କ'ଣ ଦରକାର, ସେ କ'ଣ ଖାଇବ ? କେଉଁଠି ଖାଇବ, କିପରି ଖାଇବ, ଇତ୍ୟାଦିକୁ ବୁଝିବାର ପ୍ରୟାସ ସମସ୍ତ ଅଭିଭାବକଙ୍କୁ କରିବା ପାଇଁ ପଡ଼ିବ ।

**ଆହାର -**

ମାଆମାନଙ୍କ ସହ ଯେତେବେଳେ ସାକ୍ଷାତ ହୁଏ ପ୍ରଥମ ଅଭିଯୋଗ ହେଲା, ଆଳୁ, ପାମ୍ପଡ଼, ମିକ୍ସଚର ଛଡ଼ା କିଛି ଖାଉନି । ବାସ୍ତବିକ ବଞ୍ଚିବା ଓ ସୁସ୍ଥ ଜୀବନଯାପନ କରିବା ମଧ୍ୟରେ ଫରକ ରହିଛି । ବଞ୍ଚିବା ପାଇଁ ଆହାର ଦରକାର କିନ୍ତୁ ସୁସ୍ଥ ଭାବରେ ବଞ୍ଚିବା ପାଇଁ ପୁଷ୍ଟିକର ଖାଦ୍ୟ ଆବଶ୍ୟକ ।

ପୁଷ୍ଟିକର ଆହାର କହିଲେ ଶକ୍ତିଦାୟକ ଶରୀର ଗଠନକାରୀ ଶରୀର ରକ୍ଷାକାରୀ ଖାଦ୍ୟ । ସର୍ବୋପରି ସମସ୍ତ ଖାଦ୍ୟ ମୂଲ୍ୟଯୁକ୍ତ ଖାଦ୍ୟକୁ ବୁଝାଏ । ଶିଶୁର ବିକାଶଶୀଳ ବୟସରେ କେବଳ ପେଟ ପୂରାଇ ଭାତ, ରୁଟି ଇତ୍ୟାଦି ଖାଇବା ଯଥେଷ୍ଟ ନୁହେଁ, ତା'ର ଶାରୀରିକ ଓ ମାନସିକ ବିକାଶ ଦୃଷ୍ଟିରୁ ଶାଗ, ଫଳ ପନିପରିବା, କ୍ଷୀର ଇତ୍ୟାଦିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କିନ୍ତୁ ଏସବୁ ନାଁ ଧରିଲେ ବର୍ତ୍ତମାନର ଶିଶୁ ନାକ ଟେକନ୍ତି । ତା'ର ମୂଳ କାରଣ କ'ଣ ? ପ୍ରଥମତଃ କୃତ୍ରିମ ଖାଦ୍ୟ ଯଥା, ବିସ୍କୁଟ, ମିକ୍ସଚର, କେକ୍ ଇତ୍ୟାଦି ଖାଇବା ଅଭ୍ୟାସ କରାଉଛୁ, ଦ୍ୱିତୀୟତଃ ବଡ଼ମାନଙ୍କ ଉଦାସୀନତା ଓ ଅଜ୍ଞତା ।

ଖାଦ୍ୟ ପ୍ରସ୍ତୁତିଠାରୁ ପରିବେଷଣ ପର୍ଯ୍ୟନ୍ତ ସବୁଥିରେ ମାନସିକ ଶାନ୍ତି ଓ ଧୈର୍ଯ୍ୟର ଆବଶ୍ୟକତା ରହିଛି, ଏଥିପାଇଁ ପ୍ରକୃଷ୍ଟ ବାତାବରଣ ପ୍ରସ୍ତୁତ କରିବା ଦାୟିତ୍ୱ ମା'ମାନଙ୍କର । ଶିଶୁକୁ କିଛି ସମୟ ଖେଳିବାର ଅବସର ଦେଇ ଖାଇବାକୁ ଦେବା, ଖାଇବା ଘର ସୁନ୍ଦର ସାଜସଜ୍ଜା କରିବା, କ୍ଷୀଣ ଓ ମଧୁର ସଙ୍ଗୀତ ଶୁଣାଇବା ତଥା ଗାଜର, ଟମାଟୋ, ସବୁଜ ପରିବାର ସମ୍ମିଶ୍ରଣ ପ୍ରସ୍ତୁତ ଖାଦ୍ୟର ସୌନ୍ଦର୍ଯ୍ୟବୋଧ ଖାଦ୍ୟ ପ୍ରତି ରୁଚି ନିର୍ମାଣ କରିଥାଏ । ତେଣୁ ଶିଶୁଙ୍କୁ ଅଳ୍ପ ଅଳ୍ପ କରି ଖାଦ୍ୟ ପରିବେଷଣ କରିବା, ଯେଉଁ ଖାଦ୍ୟ ବା ଫଳ ଖାଇବା ପାଇଁ ଦେଉଛେ ତା'ର ଉପକାରିତା ସମ୍ବନ୍ଧରେ ଖେଳ, ଗୀତ ଅଭିନୟ ମାଧ୍ୟମରେ ବୁଝାଇବା ଦ୍ୱାରା ଆଗ୍ରହ ନିର୍ମାଣ ହୁଏ । ସମବୟସ୍କ ସାଥୀଙ୍କ ସହିତ ଖାଇବାକୁ ଶିଶୁ ଭଲ ପାଆନ୍ତି । ପ୍ରତିଦିନ ଖାଦ୍ୟରେ କିଛି କିଛି ପରିବର୍ତ୍ତନ କଲେ ମଧ୍ୟ ରୁଚି ନିର୍ମାଣ ହୁଏ । ଖାଇବା ସମୟରେ ଟି.ଭି ଚାଲୁ ରଖିଲେ ଖାଇବାରେ ଏକାଗ୍ରତା ଓ ଶାନ୍ତି ନଷ୍ଟ ହୁଏ ।

କିଛି ମାଆ ମୋବାଇଲରେ ବିଭିନ୍ନ କାର୍ଟୁନ କିମ୍ବା ଗୀତ ଦେଖାଇ ଶିଶୁଙ୍କୁ ଖୁଆଇଥାନ୍ତି । ଏହା ମଧ୍ୟ ଶିଶୁଙ୍କ ଶରୀର ପ୍ରତି ହାନିକାରକ । ଏଣୁ ଟି.ଭି ଓ ମୋବାଇଲ୍ ଦେଖାଇ ଖୁଆଇବା ଉଚିତ ନୁହେଁ । ସର୍ବୋପରି ପରିବାର ତଥା ବିଦ୍ୟାଳୟର ସାମୂହିକ ଭୋଜନ ଶିଶୁଙ୍କୁ ଖାଦ୍ୟ ପ୍ରତି ରୁଚି ନିର୍ମାଣ କରିଥାଏ । ଏଣୁ ଏଥିପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବା ।

ଶିଶୁ ବାଟିକା ପ୍ରମୁଖ, ଛତ୍ରପୁର

# ଶିଶୁବାଟିକା ଓ ଅନ୍‌ଲାଇନ୍ ଶିକ୍ଷା

ଶ୍ରୀମତୀ ସଂଗୀତା ମିଶ୍ର ଶତପଥୀ

ଶିଶୁ ସୁଗନ୍ଧିତ ଅର୍ଦ୍ଧପ୍ରସ୍ଫୁଟିତ କଢ଼ିଟିଏ । ସ୍ନେହ, ପ୍ରେମ, ଆଦର ଯତ୍ନ, ପ୍ରୋତ୍ସାହନ, ସମ୍ମାନର ବାରିରେ ବିକାଶୋନ୍ମୁଖୀ ହୁଏ ତା'ର ଓ ଶୈଶବ ଅର୍ଦ୍ଧ ପ୍ରସ୍ଫୁଟିତ କଢ଼ରୁ ସୁଗନ୍ଧିତ ପୁଷ୍ପ ଫୁଟି ମହମହ ମହକରେ ମହକାଇ ଦିଏ ଧରା ଉପବନ । ଶିଶୁ ସର୍ବଦା ଝରଣା ପରି କଳକଳ ଛଳଛଳ ଶିଶୁର ମନ ଅସ୍ଥିର । ସବୁବେଳେ ସେ ଚଳଚଞ୍ଚଳ କ୍ରିୟାଶୀଳ । ତା'ର ସେଇ ଚଳଚଞ୍ଚଳ ଅସ୍ଥିର ମନକୁ ସ୍ଥିର କରିବା ଆଉ ତା'ର ସର୍ବାଙ୍ଗୀଣ ବିକାଶର ଲକ୍ଷ୍ୟ ସାଧନ ପାଇଁ ଆମ" ଶିଶୁବାଟିକା" ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା । ଏହି ଶିକ୍ଷା ବ୍ୟବସ୍ଥା ଶିଶୁ କୈନ୍ଦ୍ରିକ, କ୍ରିୟା ଆଧାରିତ ଅନୁଭବାତ୍ମକ, ଆନନ୍ଦଦାୟକ ଓ ସଂସ୍କାରିତ ଅଟେ । ଏହି ଶିକ୍ଷା ବ୍ୟବସ୍ଥା ଶିଶୁ ଶିକ୍ଷାକୁ ଔପଚାରିକତାରେ ବାନ୍ଧି ନ ଦେଇ ଅନୌପଚାରିକ ପଦ୍ଧତିରେ ସର୍ବାଙ୍ଗୀଣ ବିକାଶ ପାଇଁ ନିତ୍ୟ ନିରନ୍ତର ଚେଷ୍ଟିତ ।

ହଠାତ୍ ଅଦିନ କୁହୁଡ଼ି ପରି ଶିଶୁ ଶିକ୍ଷା ତଥା ବିକାଶ ପଥରେ ଅନ୍ତରାୟ ହୋଇ ଉଭା ହେଲା "କରୋନା" ଭୂତାଣୁ । ଆଜକୁ ଦେଢ ବର୍ଷରୁ ଅଧିକ ହେବ ଶିଶୁ ଗୁରୁମାଗୁରୁଜୀଙ୍କୁ ବିଦ୍ୟାଳୟରେ ଦେଖୁଛି ନା ବିଦ୍ୟାଳୟ ଅଗଣାରେ ଶିଶୁର କଳରବ ଶୁଣିବାକୁ ମିଳୁଛି । କେହି କାହାର ପ୍ରତ୍ୟକ୍ଷ ଆସି ପାରୁ ନାହାନ୍ତି । ଏଭଳି ପ୍ରତିକୂଳ ପରିସ୍ଥିତିରେ ବିକଳ୍ପ ଭାବେ ବୁଡ଼ିଯାଉଥିବା ଲୋକ କୁଟା ଖିଅକୁ ଆଶ୍ରା କଲା ପରି ଅନ୍‌ଲାଇନ୍ ମାଧ୍ୟମ ଏକମାତ୍ରଶ୍ରେଷ୍ଠ ପନ୍ଥା ସାଜିଛି । ଶିଶୁପ୍ରାରମ୍ଭଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତି ଶିକ୍ଷଣ ସ୍ତରର ଏକ ଅବିଚ୍ଛେଦ୍ୟ ମାଧ୍ୟମ ଭାବେ ସମଗ୍ର ରାଜ୍ୟ କାହିଁକି ବିଶ୍ୱ ଆପଣେଇ ନେଇଛି । ଏହା ସମୟ ଓ ଯୁଗପୋଯୋଗୀ ଆହ୍ୱାନ । ଏହି ଆହ୍ୱାନର ସଫଳ ମୁକାବିଲା ପାଇଁ ଶିଶୁବାଟିକା ଶିକ୍ଷା ବ୍ୟବସ୍ଥା ମଧ ଶିକ୍ଷାଦାନ ପନ୍ଥାକୁ ଆପଣାଇଛନ୍ତି ।

**ଦୃଶ୍ୟଶ୍ରାବ୍ୟ** - (Audio, video = Teaching/aids) ପାଠ୍ୟସାମଗ୍ରୀ ଅନଲାଇନ୍

ନିରନ୍ତର ଭାବେ ଆଚାର୍ଯ୍ୟାଆଚାର୍ଯ୍ୟଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ବିଦ୍ୟାଳୟ- ସଂକୁଳ - ବିଭାଗ-ସମ୍ଭାଗ ପର୍ଯ୍ୟନ୍ତ ପଠାଯାଉଛି ।

(୨) କ୍ରିୟାକଳାପଗୁଡ଼ିକର ମଧ ଭିଡ଼ିଓ କରି ପଠାଯାଉଛି ।

(୩) ସ୍ଥାନୀୟ ବିଦ୍ୟାଳୟ ସ୍ତରରେ ଶ୍ରେଣୀ ଅନୁଯାୟୀ ଗ୍ରୁପ୍ କରାଯାଇ Google meet, zoom ମାଧ୍ୟମରେ ମଧ ଶିଶୁମାନଙ୍କୁ ଶିକ୍ଷାଦାନ କରାଯାଇ ଶିଶୁ ସହ ସଂପର୍କ ରକ୍ଷା, ଭାବ ବିନିମୟ ସହ ଶିଶୁର ଶାରୀରିକ, ମାନସିକ ବିକାଶ ସମେତ ସର୍ବାଙ୍ଗୀଣ ବିକାଶ ଦିଗରେ ଶିଶୁବାଟିକା ବିଭାଗର ନିରନ୍ତର ପ୍ରୟାସ ଜାରି ରହିଛି । ଅନ୍‌ଲାଇନ୍ (online) ଶିକ୍ଷାଦାନକୁ ସଫଳ କରିବାରେ ପିତାମାତାଙ୍କର ପୂର୍ଣ୍ଣ ସାହାଯ୍ୟ ଓ ସହଯୋଗ ସହିତ ନିମ୍ନ ବିନ୍ଦୁ ପ୍ରତି ଧ୍ୟାନ ଦେବା ଜରୁରୀ ମନେହୁଏ ।

(i) ପ୍ରତିଦିନ ଶ୍ରେଣୀ ଗ୍ରୁପ୍‌ରେ ଯାଉଥିବାରୁ ଲିଙ୍କ୍ ଦ୍ୱାରା ନିର୍ଣ୍ଣିତ ଧାର୍ଯ୍ୟ ସମୟରେ ଯୋଗଦେବା ।

(ii) ଶିଶୁ ଅନଲାଇନ୍ କ୍ଲାସ୍ କଲାବେଳେ ତା ପାଖରେ ରହିବା **Audio video mute unmute** ର ସଠିକ୍ ଉପଯୋଗ କରିବା ।

(iii) ସିଧାସଳଖ ଶିଶୁଙ୍କୁ ଫୋନ୍ ଧରାଇବା ନାହିଁ । ଅଡ଼ିଓଗୁଡ଼ିକ ନିଜେ ପ୍ରଥମେ ପିତା/ମାତା ଶୁଣି ମନେରଖି ଶିଶୁକୁ କହିବା ଓ ଶୁଣାଇବା ।

(v) ଭିଡ଼ିଓଗୁଡ଼ିକ ଦେଖି ଶିଶୁକୁ ସେହିଭଳି ନିଜେ କରି ଦେଖାଇବା ।

ଶିଶୁକୁ କ୍ରିୟାକଳାପ କରିବା ସମୟରେ ତାର ମାର୍ଗଦର୍ଶକ (Guide) ହୋଇ ତାକୁ ସହାଯ୍ୟ ଓ ସହଯୋଗ କରିବା ।

ଶିଶୁ ଅନୁକରଣପ୍ରିୟ । ପ୍ରତ୍ୟକ୍ଷ ଭାବେ ଶ୍ରେଣୀ କକ୍ଷରେ ସହପାଠୀ ଓ ଗୁରୁଜୀଗୁରୁମାଙ୍କୁ ଅନୁକରଣ କରେ । ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସହପାଠୀଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ନ ଆସୁଥିବାରୁ ବିଶେଷ ଭାବେ ମାଆଙ୍କୁ ହିଁ ଏଇ ଗୁରୁ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ । ଅର୍ଥାତ ଘରେ ହିଁ ବିଦ୍ୟାଳୟର ବାତାବରଣ ଓ ବ୍ୟବସ୍ଥା କରିବାକୁ ହେବ । କାରଣ ଘର ହିଁ ଶିଶୁର ଆଦ୍ୟ ପାଠଶାଳା ଆଉ ମାଆ ହେଉଛନ୍ତି ତା'ର ପ୍ରଥମ ଗୁରୁ । ଘରର ଅଗଣା ଶିଶୁ ପାଇଁ ବିଦ୍ୟାଳୟର ଖେଳ ପଡ଼ିଆ । ରୋଷେଇ ଘର ତା' ପାଇଁ ବିଜ୍ଞାନ ପ୍ରୟୋଗ ଶାଳା ଓ ବୌଦ୍ଧିକ ବିକାଶର କେନ୍ଦ୍ରବିନ୍ଦୁ । ଠାକୁରଘର ଓ ଘରର ଆଧାତ୍ମିକବାତାବରଣ ଶିଶୁର ଆତ୍ମିକବିକାଶର ମାର୍ଗଦର୍ଶକ । ତେଣୁ ଏହିପରି ଭାବେ ଘରେ ୧୨ ଟି ଶୈକ୍ଷିକ ବ୍ୟବସ୍ଥାର ବାତାବରଣ ପ୍ରସ୍ତୁତ କରିବାକୁ ହେବ ।

ପରିଶେଷରେ ଏତିକି ନିବେଦନ ରଖିବି - ଯୁଗୋପଯୋଗୀ ହୋଇ ସମୟର ଆହ୍ୱାନକୁ ସ୍ୱାଗତ କରିବା । ସଚେତନ ରହିବା, ସୁସ୍ଥ ରହିବା ସତର୍କତା ସହ ଅନଲାଇନ୍ ଶିକ୍ଷା ବ୍ୟବସ୍ଥାକୁ ଗ୍ରହଣ କରିବା । ଶିଶୁକୁ ଆନନ୍ଦଦାୟକ ଶିଶୁ କୈନ୍ଦ୍ରିକ ଶିକ୍ଷା ଭେଟି ଦେବା ସହ ଶିଶୁର ଶୈକ୍ଷିକ ପ୍ରଗତିରେ ସହଭାଗୀ ହେବା ।

ଆଚାର୍ଯ୍ୟ ସ.ଶି.ବି.ମ. ଚନ୍ଦନପୁର, ପୁରୀ

# ୧୨ ଟି ଶୈକ୍ଷିକ ବ୍ୟବସ୍ଥା

ଶ୍ରୀମତୀ ପ୍ରତିଭା ବଳିୟାରସିଂହ

୧- **ଚିତ୍ରପୁସ୍ତିକା** ରେ ଦେଖିବାରରେ ଭାଇ
କେତେ ଯେ ସୁନ୍ଦର ଛବି ।
ମହାପୁରୁଷ ଓ ଦେବାଦେବୀ, ଜୀବ
ପର୍ବତ ଓ ନଦନଦୀ ।୧ ।

୨- **ବିଜ୍ଞାନ ପ୍ରୟୋଗଶାଳା** ରେ ବସିବା
ପରୀକ୍ଷା ନିରୀକ୍ଷା ନେବା
ଚୁମ୍ବକ ଦର୍ପଣ, କାଠ, ଲୁହା ଦେଇ
କାରଣ ତା' ଦର୍ଶାଇବା ।୨ ।

୩- **ବସ୍ତୁସଂଗ୍ରହ ଯେ** କରିବା ଆମେରେ
ଆଗ୍ରହ ରଖି ମନରେ
ଶଙ୍ଖ, ଶାମୁକା, ପଥର, ମାଟି ବାଲି
ବିଭିନ୍ନ ପକ୍ଷୀର ପର ।୩ ।

୪- **ଚିଡ଼ିଆଘର ସଜାଡ଼ି** ରଖିବାରେ
ସରୀସୃପ, ଜୀବଜନ୍ତୁ
ଗୃହ ବନ୍ୟପଶୁ, ପକ୍ଷୀ, କୀଟ ସଙ୍ଗେ
ବାରି ଶବ୍ଦ ଯେତେ ସବୁ ।୪ ।

୫- **ଘର** ସଜାଡ଼ିବା ବାସ୍ତୁ ଶାସ୍ତ୍ର ମତେ
ଯେ ଯାହା ସ୍ଥାନରେ ରଖି
ସରଗ ସମାନ ଘରକୁ କରିବା
ବାତାବରଣରେ ଯୋଚି ।୫ ।

୬- **ବଗିଚାରେ** ଗଛଲତା, ଫୁଲ, ଫଳ
ଭରିଦେବା ଆଣି ଯେତେ
ଘାସ ଗାଲିଚ୍ଛ, ଖସଡ଼ା, ଦୋଳି ଦେବା
ଶରୀର ବିକାଶ ମତେ ।୬ ।

୭- କାର୍ଯ୍ୟଶାଳା କକ୍ଷେ ସମାଜର ବ୍ୟକ୍ତି
ବୃତ୍ତିଧାରୀ ଅବିରତ
ବଢ଼େଇ, କୁମ୍ଭାର, ଡାକ୍ତର, କମାର
ଦର୍ଜି, ମୋଚି କାର୍ଯ୍ୟରତ ।୩ ।

୮- **କଳାଶାଳା** ରେ ହସ୍ତକର୍ମ ଶିକ୍ଷା
ଆବ୍ରୋ, ସ୍କ୍ରେ ପ୍ରିଣ୍ଟିଂ ଛାପାକାମ
କୋଲାଜ, ମହମ, ବାଟିକ୍, ଫୋଲଡ଼ିଂ
ସୂତା ଆଉ ରଙ୍ଗକାମ ।୮ ।

୯- **ରଙ୍ଗମଞ୍ଚ** ଅଭିନୟ ନୃତ୍ୟଗୀତ
ମନରେ ଆନନ୍ଦ ଦିଏ
କଣ୍ଢେଇ, ପପେଟ୍ ଛାୟାନୃତ୍ୟ ଆଦି
ବାଲନାଟ୍ୟ ମନ ନିଏ ।୯ ।

୧୦- **କ୍ରୀଡ଼ାଙ୍ଗନ** ଆମ ସାଥୀ ପରା ଭାଇ
ଖେଳିବା ତାହାରି କୋଳେ
ଡେଇଁବା ଦୌଡ଼ିବା ଟେକିବା ଫିଙ୍ଗିବା
ଭାରସାମ୍ୟ ରକ୍ଷା ବଳେ ।୧୦ ।

୧୧- **ସନ୍ତରଣ କୁଣ୍ଡେ** ପହଁରିବା ଯାଇ
ଟ୍ୟୁବର ସାହାଯ୍ୟ ନେଇ
ମନ ଆନନ୍ଦରେ ଖେଳିବା ଜଳରେ
ନାଆ ଦେବାରେ ଭସାଇ ।୧୧ ।

୧୨- **ପ୍ରଦର୍ଶନୀ** ଦିନରେ ଯେ ଥରେ
ସଜାଡ଼ିବା କକ୍ଷ ଶେଷେ
ଫୁଲ, ଫଳ, ପନିପରିବା ଓ ପତ୍ର
ଦେବାଦେବୀ ବାର ମାସେ

୧୨ ଟି ଶୈକ୍ଷିକ ବ୍ୟବସ୍ଥା ଏ ସବୁ ମନେରଖ ହେତୁ କରି
ସର୍ବାଙ୍ଗ ବିକାଶ ହୁଅଇ ଏଥିରେ କ୍ରିୟାକଳାପକୁ କରି ।

ସ.ଶି.ବି.ମ ଖୋରଧା

## "କୁନି କଥା ଟିକେ ଶୁଣ"

ଶ୍ରୀ ସୁନ୍ତୋଷ କୁମାର ପଣ୍ଡା

ଶିଶୁ ତ ନିଷ୍ପାପ ଶିଶୁ ହିଁ ଇଶ୍ୱର
ଶିଶୁ ଅମୂଲ୍ୟ ସମ୍ପତ୍ତି
କନ୍ୟା ଶିଶୁ ଜାଣ ଗୃହ ରତ୍ନମାଳା
କହେ ଭାରତ ସଂସ୍କୃତି ।
ମାତା ଗର୍ଭେ ଯେବେ ହୋଇଲି ସଞ୍ଚାର
କେତେ ସ୍ୱପ୍ନ ଥିଲା ମୋର
ଝିଅ ବୋଲି ଯେବେ ହୋଇଲି ଘୋଷିତ
ଭାଲେଣି ପଡ଼ିଲା ମୋର ।୧ ।
ମାଆ ବାପା ଆଉ ପରିବାର ବର୍ଗ
ବିଚାରନ୍ତି ପରସ୍ପରେ
ନିଷ୍ପତ୍ତି ନିଅନ୍ତି ନଷ୍ଟ ହେବ ଭ୍ରୁଣ
ଚିକିତ୍ସକ ଇଙ୍ଗିତରେ ।୧ ।
ମାତା ପିତା କାଳେ ଇଶ୍ୱରଠୁ ବଡ଼
ଶୁଣିଥିଲି ପୂର୍ବ ଜନ୍ମେ
ଡାକ୍ତର ଅଟନ୍ତି ଭଗବାନ ତୁଲ
ଥିଲା ମୋହର ସ୍ମରଣେ ।୩ ।
ମାଆ ମାଆ ବୋଲି କେତେ ମୁଁ ଡାକିଛି
ଡାକ ମୋ ଶୁଣିଲେ ନାହିଁ
ଜୀବଦାତା ହାତେ ଜୀବନ ମୋ ଗଲା
(କି) ପାପ କରିଥିଲି ମୁହିଁ ।୪ ।
ଶୁଣ ନରରୂପୀ ରାକ୍ଷସ ପିଶାଚ
ଧରା ଶୀଘ୍ର କ୍ଷୟ ଯିବ
ପ୍ରକୃତି ବିହୁନେ ପୁରୁଷର ସ୍ଥିତି
ହେବ କି ସୃଷ୍ଟି ସମ୍ଭବ ? ।୫ ।
ଫୁଟିବା ଆଗରୁ କାନନରେ ତବ
ଝଡିଗଲି ଅକାଳରେ
ହେ ଜଗତପିତା ଦେବ କି ଉତ୍ତର
(କି) ଭୁଲ୍ ଥିଲା ମୋହ ଠାରେ ।୬ ।

ପ୍ରଧାନାଚାର୍ଯ୍ୟ, ସ.ଶି.ବି.ମ, କେଶବଧାମ, କଟକ

## ମୁଁ ଫୁଲଟିଏ

ଶ୍ରୀମତୀ ସୁଜାତା ଦାଶ

ଫୁଲଟିଏ ମୁଁ ଫୁଲଟିଏ ।
ଗଛ ଡାଳେ ଫୁଟି ଝୁଲୁଥାଏ ।।
କେତେ ରକମର ରଙ୍ଗ ମୋହର ।
ତା' ସାଥେ ବାସନା ଭାରି ମଧୁର ।।
ଦେବତାଙ୍କ ଠାରେ ଲାଗଇ ମୁହିଁ ।
ମନରେ ଟିକେ ମୋ ଗରବ ନାହିଁ ।।
ପ୍ରଜାପତି ଅଟେ ମୋହର ମିତ ।
ଗାଉଥାଏ ସେତ ସୁନ୍ଦର ଗୀତ ।।
ରାଗ ଅଭିମାନ ମୋର ନ ଥାଏ ।
ଫୁଲଟିଏ ମୁଁ ଫୁଲଟିଏ ।।
ଧରଣୀ ମା' ର ଶୋଭା ବଢାଏ ।
ସଭିଙ୍କ ଚିତ୍ତକୁ ଆନନ୍ଦ ଦିଏ ।।
ଫୁଲଟିଏ ମୁଁ ଫୁଲଟିଏ ।
ଭାଇ ଭଉଣୀ ଏ ଶୁଣ କଥାଏ ।
ଯଶ ଅରଜିବ ସଦା ନିଜ କର୍ମରେ ।
ସୁଗୁଣ ସୁବାସେ ତୁମେ ।
ସଦା ମହକିବ
ମନେ ନ ରଖିବ କେବେ ଉଚ୍ଚ ନୀଚ ଭାବ ।।
ତେବେ ତୁମେ ଏ ଜଗତେ ।
ସୁନା ପିଲା ହେବ ।
ମନରେ ରଖବ ମୋର ଏତିକି କଥାଏ ।
ଫୁଲଟିଏ ମୁଁ ଫୁଲଟିଏ ।।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,
ପଟାମୁଣ୍ଡାଇ

# ଛବି ତୁମ ତୂଳୀରୁ .....



**ସଭାବନା ସାହୁ**

ସ.ଶି.ବି.ମ, ବଡ଼ବିଲ, କେନ୍ଦୁଝର

ଶ୍ରେଣୀ - ଶିଶୁ ପ୍ରାରମ୍ଭ





**ଯଶରାଜ ଜେନା**

ସ.ଶି.ବି.ମ., ଘସିପୁରା

ଶ୍ରେଣୀ - ଶିଶୁ ବୋଧ

# ରଙ୍ଗ ଦିଅ ମଜା ନିଅ





Vol. 25 No. 5 December-January - 2021-2022 R.N.I. Regd. No.ORIORI/2001/5948

# ସମ୍ବାଦ ଚିତ୍ରରେ ଚିତ୍ରରେ ....




ମାତୃ କର୍ମଶାଳା (ବଗିଚା କାମ) ସ.ଶି.ବି.ମ, କଲେଜ ଛକ, ବଲାଙ୍ଗୀର







କ୍ରିୟାକଳାପ ପୁସ୍ତିକାରେ ରଙ୍ଗ କାମ ଓ କାଗଜରେ କାମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କଲେଜ ଛକ, ବଲାଙ୍ଗୀର

*Printed and Published by : Secretary on behalf of Shiksha Vikash Samiti, Odisha & printed at Sarswati DTP Centre, E-59, Zone-A, Mancheswar Industrial Estate, BBSR-10 Editor - Pradeep Kumar Mallick*